


## ପ୍ରେସ୍ ନୋଟ୍

## ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଲୋକ କଳା ଟ୍ରଫି ପ୍ରତିଯୋଗିତା ନିମନ୍ତେ ପ୍ରସ୍ତୁତି ବୈଠକ ।

ଅନୁଗୋଳ, ତା.୧୭.୦୯:- ଓଡିଶାର ଲୋକକଳାକୁ ଅଧିକ ଋଦ୍ଧିମନ୍ତ କରିବା ନିମନ୍ତେ ଓ ଲୋକକଳା ଦଳମାନଂକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି ପ୍ରତିଯୋଗିତା ଆୟୋଜନ କରିବା ପାଇଁ ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ସ୍ଥିର କରାଯାଇଛି । ଏହି ପ୍ରତିଯୋଗିତାକୁ ଜିଲ୍ଲା ସ୍ତରରେ ସୁଚାରୁରୂପେ ଆୟୋଜନ କରିବା ନିମନ୍ତେ ଗତକାଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ କୋର୍ଟ ରୁମ୍ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଜିଲ୍ଲା ସ୍ତରୀୟ ଲୋକକଳା ପ୍ରତିଯୋଗିତା ଆସନ୍ତା ତା.୨୯.୦୯.୨୦୨୧ ରିଖରେ ଅନୁଗୋଳ ପୌରପାଳିକା ଟାଉନ୍ ହଲ ଠାରେ ଆୟୋଜନ କରିବା ନିମନ୍ତେ ସ୍ଥିର କରାଗଲା । ଉକ୍ତ ପ୍ରତିଯୋଗିତାରେ ପ୍ରତ୍ୟେକ ବ୍ଲକରୁ ଗୋଟିଏ ଲେଖାଏଁ ଓ ପୌରପାଳିକା,ବିଜ୍ଞାପିତ ଅଂଚଳ ପରିଷଦ ଗୁଡିକରୁ ଗୋଟିଏ ଲେଖାଏଁ ଲୋକନୃତ୍ୟ ଦଳ ଅଂଶଗ୍ରହଣ କରିବେ । ବ୍ଲକ୍ କଳା ସଂସ୍କୃତି ସଂଘର ଉପ-ସଭାପତିମାନେ ଲୋକନୃତ୍ୟ ଦଳ ଚୟନ କରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀମାନଂକ ଜରିଆରେ ଜିଲ୍ଲା ସଂସ୍କୃତି ଅଧିକାରୀଂକୁ ଦଳର ନାମ,ଠିକଣା ଓ ଦଳର କଳାକାର ସଂଖ୍ୟା ଆସନ୍ତା ୨୦ ତାରିଖ ସୁଦ୍ଧା ପଠାଇବାକୁ ଅନୁରୋଧ । ଉକ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଜିଲ୍ଲା ସ୍ତରରେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳମାନଂକୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବା ସହ ସମସ୍ତ ଅଂଶଗ୍ରହଣକାରୀ ଦଳମାନଂକୁ ପ୍ରମାଣପତ୍ର ପ୍ରଦାନ କରାଯିବ । ଉକ୍ତ ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରିଣୀ ଶ୍ରୀମତୀ ସରିତା ପ୍ରଧାନ, ଜିଲ୍ଲା ଗ୍ରନ୍ଥାଗାରିକ ଶ୍ରୀ ଲକ୍ଷ୍ମୀ ପ୍ରସାଦ ଦ୍ୱିବେଦୀ, ଅନୁଗୋଳ ବ୍ଲକ୍ କଳା ସଂସ୍କୃତି ସଂଘର ଉପ-ସଭାପତି ଶ୍ରୀ ସୁରେଶ କୁମାର ସାହୁ, କଣିହାଁ ବ୍ଲକ୍ କଳା ସଂସ୍କୃତି ସଂଘ ଉପ-ସଭାପତି ଶ୍ରୀ ନବଘନ ସାମଲ, ପାଲଲହଡା ବ୍ଲକ୍ କଳା ସଂସ୍କୃତି ସଂଘ ଉପ-ସଭାପତି ଶ୍ରୀ ଧ୍ରୁବ ଚରଣ ସାହୁ, ଆଠମଲ୍ଲିକ ବ୍ଲକ୍ କଳା ସଂସ୍କୃତି ସଂଘର ଉପ-ସଭାପତି ଶ୍ରୀ ଶ୍ରୀକାନ୍ତ ମାହାର, ଛେଣ୍ଡିପଦା ବ୍ଲକ୍ କଳା ସଂସ୍କୃତି ସଂଘର ଉପ-ସଭାପତି ଶ୍ରୀ ହରମୋହନ ସାହୁ, ତାଳଚେର ବ୍ଲକ୍ କଳା ସଂସ୍କୃତି ସଂଘର ପ୍ରତିନିଧି ସବିତା ସିଂ ଓ କିଶୋରନଗର ବ୍ଲକ୍ କଳା ସଂସ୍କୃତି ସଂଘର ପ୍ରତିନିଧି ଶ୍ରୀ ଜଗତ ମୋହନ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।